ଚୋରା କରତକଳ ଉପରେ ବାଲେଶ୍ୱର ଭିଜିଲାନ୍ସର ଚଢ଼ଉ

ଭଦ୍ରକ,୨୫ା୧୦(ନି.ପ୍ର):ବର୍ତ୍ତମାନ ଚୋରା କାଠ ବେପାରୀଙ୍କ ଦେଖା ଭଲ ନାହିଁ। ୨୩ତାରିଖ ଭଦ୍ରକ ପୁରୁଣାବଜାର ପୁଲିସ ଏକ ବେଆଇନ କାଠ ବୋଝେଇ ପିକଅପ୍ ଭ୍ୟାନକୁ ଜବତ୍ କରିବା ପରେ ଚୋରା କାଠ ବେପାରୀଙ୍କ ଉପରେ ପଡ଼ିଛି ଶନିଦଶା। ଦୀର୍ଘ ବର୍ଷ ଧରି ବେଆଇନ ଭାବରେ ଭଦ୍ରକ ସଂଗତ ଠାରେ ଚାଲିଥିବା ଏକ ବେଆଇନ କରତକଳ ଉପରେ ବାଲେଶ୍ୱର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପୁରୁଣାବଜାର ପୁଲିସ ସହାୟତାରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଓ କରତକଳ ଯନ୍ତ୍ରାଂଶ ଜବତ୍ କରିବା ସହ ଜବତ୍ ସାମଗ୍ରୀକୁ ବନ ବିଭାଗକୁ ହସ୍ତାନ୍ତର କରି ଏହାର ମୂଲ୍ୟାଙ୍କନ କରୁଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଉକ୍ତ ଚଢ଼ଉ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବନ ବିଭାଗକୁ ପୂର୍ବରୁ କୌଣସି ସୂଚନା ଦିଆଯାଇନଥିଲା। ସୂଚନା ପାଇ ବନ ବିଭାଗ ଚଢ଼ଉର ୧ଘଣ୍ଟା ପରେ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ। ଅପରପକ୍ଷରେ ଚଢ଼ାଉ ପୂର୍ବରୁ ସମ୍ଭବତଃ ସୂଚନା ପାଇ ଉକ୍ତ ବେଆଇନ କରତକଳ ପରିସରରେ କାର୍ଯ୍ୟରତ ସମସ୍ତ ବ୍ୟକ୍ତି ଫେରାର ହୋଇଯାଇଥିଲେ। ବାଲେଶ୍ୱର ଭିଜିଲାନ୍ସ ବିଭାଗର ଡିଏସପି ସଂଜୟ ଦାସମହାପାତ୍ରଙ୍କ କହିବାନୁଯାୟୀ ଏକ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉ କରାଯାଇଥିଲା। ନିର୍ଦ୍ଦେଶାନୁଯାୟୀ ପୁରୁଣା ବଜାର ପୋଲିସ ସହାୟତାରେ ଏହି ଚଢ଼ଉ କରାଯାଇଥିଲା। ତେବେ ବର୍ତ୍ତମାନ ଜବତ୍ ସାମଗ୍ରୀର ମୂଲ୍ୟାୟନ ଚାଲିଛି ଓ ସମସ୍ତ ତଥ୍ୟ ପରେ ଅବଗତ କରାଯିବ ବୋଲି ଡିଏସପି ଶ୍ରୀ ଦାସମହାପାତ୍ର କହିଛନ୍ତି।

ମା' ଲକ୍ଷ୍ମୀଙ୍କ ପୂଜାରେ ଝଲସୁଛି ମଣ୍ଡପ

ବାଲେଶ୍ୱର,୨୫ା୧୦(ନି.ପ୍ର): ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି ମା' ଲକ୍ଷ୍ମୀଙ୍କ ପୂଜା। ଘରୋଇ ପୂଜା ଠାରୁ ଆରମ୍ଭ କରି ସାର୍ବଜନୀନ ମଣ୍ଡପ ଗୁଡ଼ିକରେ ବେଶ ରୀତିନୀତି ଅନୁସାରେ ମା' ଲକ୍ଷ୍ମୀଙ୍କୁ ଅର୍ଚ୍ଚନା କରାଯାଇଛି। ଶାରଦୀୟ ଦୁର୍ଗାପୂଜା ପରେ ଶୂନ୍ୟତା ବିରାଜମାନ କରୁଥିବା ବେଳେ ମା ଲକ୍ଷ୍ମୀଙ୍କ ପୂଜା ପାଇଁ ପୁଣି ଚଳ ଚଂଚଳ ହୋଇ ଉଠିଛି ବାଲେଶ୍ୱର ସହର। ଏଥି ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପୂଜା ମଣ୍ଡପମାନଙ୍କରେ ମାଆଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ତୋରଣ ଓ ଆଲୋକସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ମା ଲକ୍ଷ୍ମୀଙ୍କ ପୂଜା ପାଇଁ ଆବାଳ ବୃଦ୍ଧ ବନିତା ବେଶ୍ ଉତ୍ସବ ପୂଜା ଦେଖିବାକୁ ମିଳିଛି। ଶାସ୍ତ୍ରୀୟ ବିଧି ଅନୁସାରେ ବୁଧବାର ରାତିରେ ମା ଲକ୍ଷ୍ମୀଙ୍କ ପୂଜା କରାଯାଇଥିଲା। ମା'ଙ୍କର ଷୋଡ଼ଶ ଉପଚାର ପୂଜାରେ ବେଦଜ୍ଞ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନିରେ ପୂଜା ମଣ୍ଡପରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନେ ଶୃଙ୍ଗାର ସଜ ସାଜକରି ନିଜ ପରିବାରର ଶୁଭ ମନାସି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରାତି ପ୍ରାୟ ୧୦ଟା ପରେ ଧାର୍ମିକ ସମୟ ନିର୍ଘଣ୍ଟ ଅନୁସାରେ ଘଟ ଉତ୍ତୋଳନ ପରେ ମାଆଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିଲା। ପୂଜା ସମୟରେ ଘଣ୍ଟଘଣ୍ଟା, ଶଙ୍ଖ ହୁଳହୁଳି ଓ ବିଭିନ୍ନ ପ୍ରକାର ବାଜାର ଧ୍ୱନିରେ ପୂଜାସ୍ଥଳ ଗୁଡ଼ିକରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ପଦଯାତ୍ରାର ମାଧ୍ୟମ ପାଲଟିଛି ମାଇକ୍ ପ୍ରଚାର

ଜଗତସିଂହପୁର,୨୫ା୧୦(ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ରାଜ୍ୟରେ ନେତୃତ୍ୱ ବିଜୁ ଜନତା ଦଳ ଅକ୍ଟୋବର ୨ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ୧ ମାସ ଧରି ପ୍ରତି ଗ୍ରାମ ସହର, ବସ୍ତି, ୱାର୍ଡରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ସାଙ୍ଗଠନିକ ଶକ୍ତି ବୃଦ୍ଧି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରତ୍ୟେକ ଜନସାଧାରଣଙ୍କୁ ଅବଗତ ନିମନ୍ତେ ପଦଯାତ୍ରାର ଆୟୋଜନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ପୂର୍ବ ବର୍ଷ ଭଳି ଆଉ ପଦଯାତ୍ରାର ଆୟୋଜନ କରାଯାଉନାହିଁ। ପ୍ରଚାର ସାଜିଛି ମାଧ୍ୟମ। ଅକ୍ଟୋବର ୨ ତାରିଖରେ ବିଷ୍ଣୁ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧି ଛକରୁ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ମାତ୍ର ତାହା ପରେ କର୍ମୀ କିମ୍ବା ନେତା ନେତୃତ୍ୱମାନଙ୍କ ଦ୍ୱାରା କୌଣସି ସ୍ଥାନରେ ପଦଯାତ୍ରାର ଆୟୋଜିତ କରାଯାଉନାହିଁ। ସୁସଜ୍ଜିତ ଗାଡ଼ିରେ ପ୍ରତି ପଞ୍ଚାୟତରେ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର ଚାଲିଛି। ଖବରନେବାରେ ଜଣାଯାଇଛି ଯେ, ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜେଡିର ପଦଯାତ୍ରାର ଆୟୋଜନ କରାଯାଉଥିବାବେଳେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ଏଥିର ବ୍ୟତିକ୍ରମ ନିମନ୍ତେ ଦାୟୀ କିଏ ? ଦଳୀୟ ଶୃଙ୍ଖଳାରୁ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ଦୂରେଇ ଯାଇଛି। ପ୍ରତି ପଞ୍ଚାୟତରେ ଦଳୀୟ ଗୋଷ୍ଠୀ ବିବାଦକୁ ଦୃଷ୍ଟିରେ ରଖି ପଦଯାତ୍ରା ହୋଇପାରୁନଥିବା ଚର୍ଚ୍ଚା ଚାଲିଛି। ମାଇକ ପ୍ରଚାର ଦ୍ୱାରା ସଚେତନ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚୁଛି। ଆଗାମୀ ନିର୍ବାଚନ ନିମନ୍ତେ ଆଶାୟୀ ପ୍ରାର୍ଥୀ ସଂଖ୍ୟା ବୃଦ୍ଧି ପାଉଛି। ମାତ୍ର ଦଳୀୟ କାର୍ଯ୍ୟକୁ ଆଖେଇ ନେବାରେ ବ୍ୟତିକ୍ରମ ପରିଲକ୍ଷିତ ହେବା ବିରୋଧୀ ଦଳକୁ ପ୍ରୋତ୍ସାହନ ଯୋଗାଉଥିବା ଚର୍ଚ୍ଚା ଚାଲିଛି।

ବସ୍-ବାଇକ୍ ଧକ୍କା : ୧ ଗୁରୁତର ୫ ଆହତ

ଜଲେଶ୍ୱର, ୨୫/୧୦ (ନି.ପ୍ର): ଅପରାହ୍ନରେ ଜଲେଶ୍ୱର ଥାନା ନିକଟସ୍ଥ ଛତପୁର ଛକରେ ଏକ ଯାତ୍ରୀବାହୀ ବସ୍ ସହିତ ବାଇକ୍‌ର ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହୋଇଛନ୍ତି। ଅନ୍ୟ ୫ଜଣ ବସଯାତ୍ରୀ ଜଳେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଆହେସାନ ବସ୍ ବାଲେଶ୍ୱରରୁ ଜଲେଶ୍ୱର ଆସୁଥିବା ବେଳେ ଛାତଛକ ନିକଟରେ ଦକ୍ଷିଣ ପ୍ରହରାଜପୁରରୁ ଜଲେଶ୍ୱର ଆସୁଥିବା ଓଡ଼ି ୧ଇ-୩୬୩୫ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ବାଇକ୍ ଆରୋହୀ ଶାସନବାଡ଼ି ଗାଁର ଅବଦୁଲ ଯବାର ହୋସେନ୍ (୫୦) ତଳେ ପିଟି ହୋଇ ଯିବାରୁ ତାଙ୍କର ଡାହାଣ ହାତ, ଗୋଡ଼ ଭାଙ୍ଗିବା ସହିତ ମୁଣ୍ଡରେ ଦୀର୍ଘ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସ୍ଥାନୀୟ ବ୍ୟବସାୟୀ ମିର ଅବାସ୍ ଅଲ୍ଲି କିଉକେଅର ହସ୍ପିଟାଲକୁ ନେଇ ପ୍ରାଥମିକ ଚିକିତ୍ସା କଲାପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ଫେରାର ହୋଇଥିବାରୁ ପୁଲିସ୍ ସଂପୃକ୍ତ ବସ୍‌ଟିକୁ ଥାନା ପରିସରକୁ ଆଣି ମାମଲା ରୁଜୁ କରିଛି।

କାଠ ସହିତ ଭୁଟଭୁଟି ଜବତ

ବେତନଟୀ, ୨୫ା୧୦(ନି.ପ୍ର): ବୈଶିଙ୍ଗା ବନପାଳ ଅବିନାଶ ଗିରି ଓ ବନରକ୍ଷୀ ସାଇସ୍ମିତା ସେନାପତି ବୈଶିଙ୍ଗା ରୂପସା ରାସ୍ତାର କଦଳିଆ ନିକଟରେ ଏକ ଭୁଟଭୁଟି ସହିତ କାଠ ଜବତ କରି ଥିବାର ଜଣାପଡିଛି। ଏହି ଭୁଟଭୁଟିରେ ଆମ୍ବ, ଶିଶୁ ଓ ଅନ୍ୟାନ୍ୟ କାଠ ଥିବାର ସୂଚନା ମିଳିଛି। କାଠ ଓ ଭୁଟଭୁଟି ଜବତ କରା ଯାଇ ଥିଲେ ମଧ୍ୟ କାଠ ବ୍ୟବସାୟୀ ଫେରାର ହୋଇ ଯାଇଛି। କାଠର ମୋଟ ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।

ପ୍ରେମକୁ ପ୍ରତ୍ୟାଖ୍ୟାନ ପରେ ଯୁବତୀର ଆତ୍ମହତ୍ୟା

ଯାଜପୁର,୨୫ା୧୦(ନିପ୍ର):ଯାଜପୁରସହର ପ୍ରହରାଜପୁର ଗ୍ରାମର ଜନୈକା ଯୁବତୀ ଗୁରୁବାର ଦିନ ନିଜ ଘରେ ଫ୍ୟାନ୍‌ରେ ବେଡ଼ସିଟ୍ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସାରା ସହରର ଚାଞ୍ଚଲ୍ୟ ସୃଷ୍ଟିକରିଛି। ଘଟଣାରୁ ପ୍ରକାଶ ପହରାଜପୁର ଗ୍ରାମର ସସ୍ମିତା (ଛଦ୍ମନାମ)(୧୯) ନାମକ ଏକ ଯୁବତୀ ନିଜ ଘରେ ବେଡ଼ସିଟ୍ ଯୋଗେ ଫ୍ୟାନ୍‌ରେ ଲଗାଇ ଆତ୍ମହତ୍ୟା କରିଥିବାବେଳେ ପରିବାର ପକ୍ଷରୁ ଏହାଏକ ଆତ୍ମହତ୍ୟା କରିବା ପାଇଁ ପ୍ରରୋଚିତ ଥିବା ଘଟଣା ବୋଲି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତ ସସ୍ମିତାଙ୍କ ଭାଇ ଦୁର୍ଯ୍ୟୋଧନ ସାହୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରି ଜଣାଇଛନ୍ତି ଯେ ତାଙ୍କର ଭଉଣୀଙ୍କୁ ହଟପାଟଣା ଗ୍ରାମର ଧନ ବୋଲି ଏକ ଯୁବକ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲେ। ଏପରିକି ରାସ୍ତା ମଝି ଭଉଣୀଙ୍କୁ ଅଟକାଇ ପ୍ରେମ କରିବା ପାଇଁ ବାଧ୍ୟ କରିବା ଓ ଧମକ ଦେବା ଆଦି ଘଟଣା ପୂର୍ବରୁ ସସ୍ମିତା ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ପକ୍ଷରୁ ଉକ୍ତ ଯୁବକଙ୍କୁ ତାଗିଦ୍ କରାଯାଇଥିଲା। ମାତ୍ର ଗୁରୁବାର ଦିନ ଅପରାହ୍ନରେ ସସ୍ମିତା ନିଜ ଘରେ ବେଡସିଟ୍ ଆତ୍ମହତ୍ୟା କରିଥିବାବେଳେ ତାଙ୍କ କାନରେ ସ୍ମାର୍ଟଫୋନ୍‌ର ଇୟରଫୋନ ଲାଗିଥିଲା। ଏହି ଫୋନ୍‌କୁ ଲଗାତାର ଭାବେ ୫ଗୋଟି ମିସ୍‌କଲ୍ ଗୋଟିଏ ନମ୍ବରରୁ ଆସିଥିବା ବେଳେ ଯୁବକ ଜଣକ ଟେଲିଫୋନରେ ସସ୍ମିତାକୁ ଧମକ ଦେଉଥିଲେ ବୋଲି ପରିବାର ପକ୍ଷରୁ ପୋଲିସ୍ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଅଭିଯୋଗ ହେବାପରେ ସସ୍ମିତା ସାହୁଙ୍କ ଜବତ କରି ଶବ ବ୍ୟବଚ୍ଛେଦ କରିବା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପୋଲିସ ପଠାଇଥିବା ବେଳେ ଘଟଣାର ଅନୁସନ୍ଧାନ ଜାରି ରଖିଛି।

ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଜୟନ୍ତୀ ପାଳିତ

ଜଲେଶ୍ୱର,୨୫/୧୦ (ନିପ୍ର): ପୂର୍ଣ୍ଣଆତ୍ମ ସମର୍ପଣ ଦ୍ୱାରା ହିଁ ଗୁରୁକୃପା ଲାଭ କରିହୁଏ। ଗୁରୁକୃପା ଏକ ଅଲୌକିକ ବିଭୂତି। ପରଂବ୍ରହ୍ମ ପରମେଶ୍ୱରଙ୍କ ସ୍ୱରୂପରେ ଆରାଧନା କଲେ ଗୁରୁଙ୍କର ଆଶିର୍ବାଦ ଲାଭ କରି ହୁଏ ବୋଲି ପ୍ରବୀଣ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ୧୧୬ ତମ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି। ବହୁମୁଖୀ ପ୍ରତିଭାଧର ପୂର୍ଣ୍ଣଚନ୍ଦ୍ରଙ୍କ ୧୧୬ତମ ଜୟନ୍ତୀ ଜଲେଶ୍ୱର ସ୍ଥିତ ଗୋପୀନାଥ ଶିବ ନାଥ ଗୋଇଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜାଳେଶ୍ୱର ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ, ସୁନାମଧନ୍ୟ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ କରି କବି ପୂର୍ଣ୍ଣଚନ୍ଦ୍ର ଜଣେ ପୂର୍ଣ୍ଣ ମଣିଷ ଥିଲେ ଓ ତାଙ୍କ ରଚିତ ରଚନାବଳୀରେ ଅନ୍ତର୍ଭୁକ୍ତ 'ଗୋପମାତୃ', ମଧୁଲକ୍ଷ୍ମୀ ଓ 'କବିତା କଳିକା' ପୁସ୍ତକ କାଳଜୟୀ ବୋଲି କହିଥିଲେ।

ବାଇକ ଦୁର୍ଘଟଣାରେ ୧ ମୃତ

ନିଶ୍ଚିନ୍ତକୋଇଲି,୨୫ା୧୦(ନି.ପ୍ର):ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନ ପୁର ଶନିବଜାର ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଯୋଗୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ଜନାର୍ଦ୍ଦନପୁର ସମିଣୀ ଗ୍ରାମର ବନମାଳୀ ମଲିକ (୬୨) ନାମକ ରୋଗୀର ଚିକିତ୍ସା କରାଇବା ନିମନ୍ତେ ନିଜ ପୁତ୍ର ସହ ଏକ ବାଇକରେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ନେମାଳ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀ ମଲ୍ଲିକଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଏ ସଂପର୍କରେ ନେମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଫେରାର ହୋଇଯାଇଥିବା ଜଣାଯାଇଛି।

No: 668-A

GOVT. OF ODISHA e-procurement Notice for online tender
Bid Id-GMID-II/08/2018-19

Name of the Work : Civil Construction Work
No of Work : 11 (Eleven)
Estimated Cost : Varies from Rs. 25.50 Lakh to Rs85.00Lakhs
Period of Completion : 4 (Four) to 6 (Six) Calendar months
Time for availability of bid for online bidding : from 29.10.2018 to 12.11.2018 up to 5.00 P.M
Name and address of OIT : Executive Engineer, M.I.DivnGanjam-II,Berhampur
Further details can be seen from the web site : www.tendersorissa.gov.in

Sd/-
Er. M.R.Dash
Executive Engineer M.I.Division
Ganjam-II, Berhampur

I&PR: 32043/11/0003/1819

No: 915-O

Corrigendum to Tender call notice no-09

It is for the information of all concerned that the following changes have been made for the following tender call notice due to some technical problem in uploading the tender documents for the severe cyclonic storm TITILI.

E-procurement Notice No : R WSS/PKD-09 OF 2018-19

(1) Date & time of availability of bid in the website may be read as 27.10.2018 to 05.11.2018 in place of 12.10.2018 to 22.10.2018
(2) Date & time of opening of Technical & Financial Bid .-06.11.2018 in place of 23.10.2018

Sd/-
Executive Engineer
RWSS Division,(Gajapati)

I&PR: 25025/11/0003/1819

ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ଜଗତସିଂହପୁର,୨୫ା୧୦(ନି.ପ୍ର): ଆର୍ଯ୍ୟଭୂମି ଭାରତ ବର୍ଷରେ ଯୌଥ ପରିବାର ବଞ୍ଚିରହିଛି। ଯାହା ବିଶ୍ୱର ଅନ୍ୟ ପ୍ରାନ୍ତରେ ନାହିଁ। ସ୍ୱାମୀ ଓ ସ୍ତ୍ରୀରୁ ପରିବାର ଜନ୍ମନିଏ। ପରିବାର ସମଷ୍ଟିରେ ଗାଁ, ବ୍ଲକ, ଜିଲ୍ଲା ରାଜ୍ୟ, ଦେଶ ଗଠିତ ହୁଏ। ସାମାଜିକ ଆଚରଣ ବିଧି ଓ ଧାର୍ମିକ ଲକ୍ଷଣ ରେଖା ରହିବା ନିହାତି ଆବଶ୍ୟକ। ସ୍ତ୍ରୀ ଓ ସ୍ୱାମୀ ମଧ୍ୟରେ ତ୍ୟାଗ, ସମର୍ପଣ ସହ ଭାଗିତା, ବୁଝାମଣା ପରିବାର ଗଠନର ମୂଳଦୁଆ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏକକ ଯୌନ ଅଧିକାର ପରମ୍ପରା ଶୃଙ୍ଖଳିତ ପରିବାରର ମୂଳମନ୍ତ୍ର। କିନ୍ତୁ ନିକଟରେ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ 'ପର ପୁରୁଷ ସଂପର୍କ ଅପରାଧ ନୁହେଁ'। ଭବିଷ୍ୟତରେ ଭାରତ ବର୍ଷରେ ପାରିବାରିକ ଜୀବନ ନଷ୍ଟ ହେବାର ଅନ୍ୟତମ କାରଣ ହେବ। କେବଳ ଏକ ପୁରୁଷ ଏକ ସ୍ତ୍ରୀ ନେଇ ପରିବାର ଗଠନ ସମ୍ଭବ। ଏକାଧିକ ପୁରୁଷକୁ ନେଇ ପରିବାର ଗଠନ ଚିନ୍ତା ଏକ ଭୟଙ୍କର ଭବିଷ୍ୟତକୁ ନିମନ୍ତ୍ରଣ। ତେଣୁ ଉଚ୍ଚତମ ନ୍ୟାୟାଳୟ ପୁନର୍ବାର ଏହି ଆଇନକୁ ସମୀକ୍ଷା କରିବା ସହିତ ଆବଶ୍ୟକ ପଡ଼ିଲେ ପାର୍ଲାମେଣ୍ଟର ଉଭୟ ସଦନରେ ଆଲୋଚନା କରି ଉଚିତ ପଦକ୍ଷେପ ନେବାକୁ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ସରୋଜ କୁମାର ନାୟକ, ସାମ୍ବାଦିକ ଆଶୁତୋଷ ବେହେରା, ମାନସ ରଞ୍ଜନ ସ୍ୱାଇଁ, ଜ୍ୟୋତି ରଞ୍ଜନ ପରିଡ଼ା, ଅଜୟ କୁମାର ଜେନା, ପ୍ରଭାତ କୁମାର ମହାନ୍ତି, ଆଇନଜୀବୀ ଶରତ କୁମାର ନାୟକ, ଅନିରୁଦ୍ଧ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଚ୍ୟୁତପୁରରେ ମହାଲକ୍ଷ୍ମୀ ପୂଜା

ଧର୍ମଶାଳା, ୨୫ା୧୦ (ନି ପ୍ର): ପବିତ୍ର କୁମାର ପୂର୍ଣ୍ଣିମା ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଅଚ୍ୟୁତପୁର ଗ୍ରାମରେ ୪୬ତମ ମହାଲକ୍ଷ୍ମୀଙ୍କ ପୂଜା ଖୁବ ଜାକଜମକରେ ଆରମ୍ଭ ହୋଇଛି। ବୁଧବାର ସନ୍ଧ୍ୟାରେ ମଣ୍ଡପରେ ମାଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ରୀତିନୀତି ଅନୁଯାୟୀ ପୂଜା କରାଯାଇଛି। ଗୁରୁ ଓ ଶୁକ୍ରବାର ଯାଏ ଏହିପୂଜା ମହାସମାରୋହ ସହକାରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟି କର୍ତ୍ତା ବ୍ରହ୍ମାନନ୍ଦ ସାହୁ ସୂଚନା ଦେଇଛନ୍ତି। ମାଙ୍କ ଦର୍ଶନ ଲାଗି ମଣ୍ଡପ ଗୁଡ଼ିକରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ପ୍ରତ୍ୟେକ ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପୂଜା କମିଟିର ସଭ୍ୟ ଅଞ୍ଜନ କୁମାର ପ୍ରଧାନ, ନୀଳମଣି ପରିଡ଼ା, ବିଜୟ କୁମାର ବିଶ୍ୱାଳ, ନରେନ୍ଦ୍ର କୁମାର ଲେଙ୍କା, ଭାଗବତ ମହାରଣା, ବିମଳେନ୍ଦୁ ବିଶ୍ୱାଳ, ଅନୀଲ କୁମାର ପ୍ରଧାନ, ସୁଶାନ୍ତ କୁମାର ଲେଙ୍କା ଓ ଧର୍ମଶାଳା ପୋଲିସ ଶାନ୍ତିଶୃଙ୍ଖଳାରେ ରକ୍ଷା କରିବାରେ ସହଯୋଗ କରୁଛନ୍ତି।

ଅଗ୍ନିକାଣ୍ଡରେ ୬ଗୋରୁ ଜୀବନ୍ତ ଦଗ୍ଧ

ଭଦ୍ରକ,୨୫ା୧୦(ନି.ପ୍ର): ବୁଧବାର ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୩ଟି କର୍ଶି ଗାଈ ଓ ୩ଟି ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସର୍ଟ ସର୍କିଟରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ବ୍ଲକ କୁକୁଡା ଖିଲାପସାହିର କୃଷ୍ଣ ଚନ୍ଦ୍ର ଖିଲାରଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଅଗ୍ନିଶମ ବାହିନୀର ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଗୁହାଳଟି ସମ୍ପୂର୍ଣ୍ଣ ଜଳି ସାରିଥିଲା। ଫଳରେ ଗୁହାଳରେ ଥିବା ୩ଟି କ୍ଷୀର ଦେଉଥିବା କର୍ଶି ଗାଈ ଓ ୩ଟି ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହା ବ୍ୟତୀତ ଅନ୍ୟ ୨ଟି ଗାଈ ମଧ୍ୟ ଆଂଶିକ ପୋଡ଼ି ଆହତ ହୋଇଛନ୍ତି। ଗୋପାଳନ କରି କ୍ଷୀର ବ୍ୟବସାୟକୁ ନିର୍ଭର ବୃତ୍ତି କରିଥିବା ଅସହାୟ କୃଷ୍ଣ ଚନ୍ଦ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଡେଙ୍ଗୁର ଗାଁ ପାଲଟିଛି କୁଞ୍ଜକୋଠ

ଜଗତସିଂହପୁର,୨୫ା୧୦(ନି.ପ୍ର): ଡେଙ୍ଗୁର ଗାଁ ପାଲଟିଛି ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ କୁଞ୍ଜକୋଠି ପଞ୍ଚାୟତ। ଏହି ପଞ୍ଚାୟତର ବାରିକ ସାହି କୈବର୍ତ୍ତସାହି, ଲକ୍ଷ୍ମୀପଡା ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେଥି ମଧ୍ୟରୁ ୧୧୨ ପରିବାର ଡେଙ୍ଗୁରେ ଆକ୍ରାନ୍ତ। ଗାଁରେ ସଙ୍ଗିନ ହୋଇଛି ସ୍ଥିତି। ଦିନକୁ ଦିନ ବୃଦ୍ଧି ପାଉଛି ଡେଙ୍ଗୁ ରୋଗୀ ଆକ୍ରାନ୍ତ ସଂଖ୍ୟା ଏପାଏ ଘଟଣାକୁ ଗୁରୁତ୍ୱର ସହ ନେଇ ନାହିଁ ଜିଲ୍ଲା ପ୍ରଶାସନ। ଏଥିନେଇ ଗ୍ରାମରେ ଦେଖାଦେଇଛି ନିରବତା, ପ୍ରତ୍ୟେକ ପରିବାରକୁ ଡରାଉଛି ଡେଙ୍ଗୁ। ଦିନେ କି ଦୁଇ ଦିନ ନୁହେଁ ମାସ ମାସ ଧରି ଶତାଧିକ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ। ଏତେ ବଡ ଘଟଣାକୁ ଏଡାଇ ଦେବାକୁ ବସିଛି ଜିଲ୍ଲା ପ୍ରଶାସନ, ମାସ ମାସ ଧରି ଡେଙ୍ଗୁ ରୋଗୀ ବ୍ୟାପିଛି। ବିଳମ୍ବରେ ଜିଲ୍ଲା ପ୍ରଶାସନ ମଶାରି ବୁଡା ଅଭିଯାନ ଏବଂ ଔଷଧ ସେବନ କାର୍ଯ୍ୟ କରି ସାରିବା ପରେ ଆଉ ଦେଖାଦର୍ଶନ ନାହିଁ। ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମୀମାନଙ୍କର ଗ୍ରାମବାସୀ ମିଳିତ ଭାବେ ପୋଖରୀ, ଗାଡ଼ିଆ ସଫା। ସୁତରା କରୁଛନ୍ତି। ନିକଟରେ କଦାଗୁଳି ଗ୍ରାମରେ ବ୍ୟାପକ ଡେଙ୍ଗୁ ବ୍ୟାପିଥିଲା। କିନ୍ତୁ ତାହାର ମଧ୍ୟ ଉପଯୁକ୍ତ ନିୟନ୍ତ୍ରଣ ବ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗ କରିନଥିବାରୁ ମାତ୍ର ୧ ମାସ ଭିତରେ ନିକଟ ଗ୍ରାମଗୁଡ଼ିକୁ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଘଟଣାର ସମ୍ପୂର୍ଣ୍ଣ ଅନୁଧ୍ୟାନ କରି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ପ୍ରଥମ ପୃଷ୍ଠାରୁ

ସୁନ୍ଦରୀ ଦେଉନି ଧରା...

ମାତ୍ର ୨ ବର୍ଷ ୬ ମାସର ବାଘୁଣୀ ସୁନ୍ଦରୀ କେତେବେଳେ ବାଘମୁଣ୍ଡା ଜଙ୍ଗଲରେ ବୁଲୁଛି ତ କେତେବେଳେ ଛାଞ୍ଚୁଣିଆ ଜଙ୍ଗଲକୁ ପଳାଉଛି। ବର୍ତ୍ତମାନ କୁମୁଟିରେ ସେ ରହିଥିବା ସୂଚନା ମିଳିବା ପରେ ସେଠାରେ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଘରୁ ନବାହାରିବା ପାଇଁ।

ଓଡ଼ିଶାର ପେପରବୟ...

ତାଙ୍କ ଗ୍ରାମଟି ବୌଦ୍ଧ କୀର୍ତ୍ତିସ୍ଥଳ ରତ୍ନଗିରି ନିକଟରେ। ସେ କହନ୍ତି, ଯେଉଁ ଟୁରିଷ୍ଟମାନେ ରତ୍ନଗିରି ଆସୁଛନ୍ତି ସେମାନେ ମଧ୍ୟ ତାଙ୍କ ମ୍ୟୁଜିୟମ୍‌କୁ ଆସିବେ ଏବଂ ଏହା ତାଙ୍କ ଗ୍ରାମର ଅର୍ଥନୀତି ଉପରେ ସକରାତ୍ମକ ପ୍ରଭାବ ପକାଇବ। ଏବେ ବି ଶଙ୍କର ସମ୍ବାଦପତ୍ର ସଂଗ୍ରହ କାର୍ଯ୍ୟରେ ଲାଗିଛନ୍ତି ଏବଂ ଯେଉଁମାନେ ତାଙ୍କୁ ଏହି ସଂଗ୍ରହ କାର୍ଯ୍ୟରେ ସହାୟତା କରିବାକୁ ଚାହୁଁଛନ୍ତି ସେମାନେ ତାଙ୍କର ଫେସ୍‌ବୁକ୍ ଜରିଆରେ ମଧ୍ୟ ସହାୟତା କରୁଛନ୍ତି।

ପାଲାନିସ୍ୱାମୀ ସରକାର ଆଶ୍ୱସ୍ତ...

ଏହି ୧୮ ବିଧାୟକଙ୍କ ସହିତ ବୈଠକ ପରେ ଆଗାମୀ ପଦକ୍ଷେପ କ'ଣ ହେବ ନିଷ୍ପତ୍ତି ନିଆଯିବ। ତାମିଲନାଡୁ ବିଧାନସଭାରେ ବାଚସ୍ପତିଙ୍କ ସମେତ ଏଆଇଏଡିଏମ୍‌କେର ୧୧୬ ବିଧାୟକ ଅଛନ୍ତି ଏବଂ ବିରୋଧୀ ଦଳର ୯୮ ସଦସ୍ୟ ଅଛନ୍ତି। ଯଦି ଏହି ୧୮ ବିଧାୟକ ଅଯୋଗ୍ୟ ଘୋଷିତ ହୋଇନଥାନ୍ତେ ତେବେ ପାଲାନିସ୍ୱାମୀ ସରକାର ଭାଙ୍ଗି ଯାଇଥାନ୍ତା।

ଜଗନମୋହନ ରେଡ୍ଡୀଙ୍କୁ...

ତେବେ ପୋଲିସ ତାଙ୍କୁ ପଚରାଉଚରା କରିବା ବେଳେ ସେ କହିଛି ଯେ, ଜଗନମୋହନ କ୍ଷମତାକୁ ଆସନ୍ତୁ ଏହା ମୁଁ ଚାହେଁ ନାହିଁ। ରେଡ୍ଡୀ ନିଜର ପ୍ରତିକ୍ରିୟାରେ କହିଛନ୍ତି ଏହା ଏକ ଭୀରୁର କାର୍ଯ୍ୟ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏ ଘଟଣାର ଦୁଃଖ ପ୍ରକାଶ କରିବାସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏସିଇ ଷ୍ଟୋନ କ୍ରାଫ୍ଟ ଲିମିଟେଡ
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ ନଂ ୧୨୧୦, [illegible], ଓଡ଼ିଶା-୭୫୩୦୦୪
କର୍ପୋରେଟ କାର୍ଯ୍ୟାଳୟ: [illegible], ହରିୟାଣା-୧୨୨୦୦୧
CIN No.L 26994 OR1992PLC003022, ଇମେଲ: contactus@acestonecraft.com, ଫୋନ ନଂ - ୦୧୨୪-[illegible]
୩୦.୦୯.୨୦୧୮ ରେ ଶେଷ ହୋଇଥିବା [illegible] ୨୦୧୮-୧୯ [illegible]
(ଟଙ୍କା ଲକ୍ଷରେ)

କ୍ର. ନଂ	ବିବରଣ	ତିନି ମାସ ଶେଷ ୩୦.୦୯.୨୦୧୮ (ଅସମୀକ୍ଷିତ)	୩୦.୦୬.୨୦୧୮ (ଅସମୀକ୍ଷିତ)	୩୦.୦୯.୨୦୧୭ (ଅସମୀକ୍ଷିତ)	ଅର୍ଦ୍ଧ ବର୍ଷ ଶେଷ ୩୦.୦୯.୨୦୧୮ (ଅସମୀକ୍ଷିତ)	୩୦.୦୯.୨୦୧୭ (ଅସମୀକ୍ଷିତ)	ବର୍ଷ ଶେଷ ୩୧.୦୩.୨୦୧୮ (ସମୀକ୍ଷିତ)
୧	ପରିଚାଳନାରୁ ରାଜସ୍ୱ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
୨	ଅନ୍ୟାନ୍ୟ ଆୟ	୩୧.୧୦	୩୦.୫୧	୩୨.୬୩	୬୧.୬୧	୬୩.୬୪	୧୨୫.୪୧
୩	ମୋଟ ଆୟ (୧+୨)	୩୧.୧୦	୩୦.୫୧	୩୨.୬୩	୬୧.୬୧	୬୩.୬୪	୧୨୫.୪୧
୪	ଖର୍ଚ୍ଚ						
	(କ) ବ୍ୟବହୃତ ଦ୍ରବ୍ୟର ମୂଲ୍ୟ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	(ଖ) ଷ୍ଟକ-ଇନ-ଟ୍ରେଡର କ୍ରୟ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	(ଗ) ପ୍ରସ୍ତୁତ ଦ୍ରବ୍ୟ, କାମ ଚାଲୁଥିବା ଏବଂ ଷ୍ଟକ-ଇନ-ଟ୍ରେଡର ଭଣ୍ଡାରର ପରିବର୍ତ୍ତନ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	(ଘ) କର୍ମଚାରୀଙ୍କ ସୁବିଧା ନିମନ୍ତେ ଖର୍ଚ୍ଚ	୧୧.୫୫	୧୦.୪୫	୧୧.୬୫	୨୨.୦୦	୨୫.୦୬	୫୧.୭୨
	(ଙ) ଆର୍ଥିକ ଖର୍ଚ୍ଚ	୦.୫୬	୪.୫୦	୧୦.୮୩	୪.୯୬	୨୫.୫୮	୫୬.୨୩
	(ଚ) ଅବଚୟଜନିତ ଏବଂ ଋଣ ପରିଶୋଧ ଜନିତ ଖର୍ଚ୍ଚ	୦.୨୧	୦.୦୦	୦.୦୦	୦.୨୧	୦.୦୦	୦.୦୬
	(ଛ) ଅନ୍ୟାନ୍ୟ ଖର୍ଚ୍ଚ	୧୮.୬୨	୧୫.୦୬	୬.୩୫	୩୩.୬୮	୨.୩୫	୫୧.୨୦
	ମୋଟ ଖର୍ଚ୍ଚ	୩୧.୦୩	୨୯.୯୧	୨୮.୭୪	୬୧.୦୫	୫୯.୭୦	୧୫୯.୪୧
୫	ଅସାଧାରଣ ଦ୍ରବ୍ୟ ଏବଂ ଟିକ୍ସ ପୂର୍ବରୁ ଲାଭ (୩-୪)	୦.୦୭	୦.୬୦	୩.୮୯	୦.୫୬	୪.୭୪	୫୬.୦୦
୬	ଅସାଧାରଣ ଦ୍ରବ୍ୟ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
୭	ଟିକ୍ସ ଦେବା ପୂର୍ବରୁ ଲାଭ (୫-୬)	୦.୦୭	୦.୬୦	୩.୮୯	୦.୫୬	୪.୭୪	୫୬.୦୦
୮	ଟିକ୍ସ ବାବଦରେ ଖର୍ଚ୍ଚ	୦.୦୨	୦.୦୦	୨.୧୦	୦.୧୫	୧.୭୪	୧୫.୦୫
	(୧) ଚଳିତ ଟିକ୍ସ	୦.୦୨	୦.୦୦	୨.୧୦	୦.୧୫	୧.୭୪	୧୪.୨୭
	(୨) ପୂର୍ବ ସମୟର ଟିକ୍ସ	୦.୦୦	୦.୦୦	୦.୦୦	୦.୦୦	୦.୦୦	୩.୧୭
	(୩) ବିଳମ୍ବିତ ଟିକ୍ସ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୧
୯	କାର୍ଯ୍ୟ ଆରମ୍ଭ କରିବା ସମୟରୁ ଲାଭ (କ୍ଷତି) (୭-୮)	୦.୦୫	୦.୬୦	୧.୭୯	୦.୪୨	୪.୦୧	୩୮.୦୫
୧୦	କାର୍ଯ୍ୟ ବନ୍ଦ କରିବା ନିମନ୍ତେ ଲାଭ/(କ୍ଷତି)	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
୧୧	କାର୍ଯ୍ୟ ବନ୍ଦ କରିବାର ଟିକ୍ସ ଖର୍ଚ୍ଚ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
୧୨	କାର୍ଯ୍ୟ ବନ୍ଦ କରିବା (ଟିକ୍ସ ଦେବା ପରେ) ଲାଭ/(କ୍ଷତି)(୧୦-୧୧)	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
୧୩	ଅବଧି (୯ + ୧୨) ପାଇଁ ଲାଭ (କ୍ଷତି)	୦.୦୫	୦.୬୦	୧.୭୯	୦.୪୨	୪.୦୧	୩୮.୦୫
୧୪	ଅନ୍ୟାନ୍ୟ ବ୍ୟାପକ ଆୟ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	କ(୧) [illegible]	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	(୨) [illegible]	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
		୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	ଖ(୧) [illegible]	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	(୨) [illegible]						
୧୫	ଅବଧି (୧୩ +୧୪) ପାଇଁ ମୋଟ ବ୍ୟାପକ ଆୟ	୦.୦୫	୦.୬୦	୧.୭୯	୦.୪୨	୪.୦୧	୩୮.୦୫
୧୬	ପ୍ରତି ଇକ୍ୱିଟି ସେୟାରରେ ଆୟ (ଜାରି ପରିଚାଳନା ପାଇଁ)	୦.୦୧	୦.୦୦	୦.୦୧	୦.୦୨	୦.୦୨	୦.୧୬
	୧ ବେସିକ୍	୦.୦୧	୦.୦୦	୦.୦୧	୦.୦୨	୦.୦୨	୦.୧୬
	୨ ଡାଇଲ୍ୟୁଟେଡ୍						
୧୭	ପ୍ରତି ଇକ୍ୱିଟି ସେୟାରରେ ଆୟ (କାର୍ଯ୍ୟ ବନ୍ଦ ହୋଇଥିବା ନିମନ୍ତେ)	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	୧ ବେସିକ	୦.୦୦	୦.୦୦	୦.୦୦	୦.୦୦	୦.୦୦	୦.୦୦
	୨ ଡାଇଲ୍ୟୁଟେଡ						
୧୮	ପ୍ରତି ଇକ୍ୱିଟି ସେୟାରରେ (ବନ୍ଦ ହୋଇଥିବା ଏବଂ ଜାରି ରହିଥିବା ନିମନ୍ତେ) ଆୟ						
	୧ ବେସିକ	୦.୦୧	୦.୦୦	୦.୦୧	୦.୦୨	୦.୦୨	୦.୧୬
	୨ ଡାଇଲ୍ୟୁଟେଡ	୦.୦୧	୦.୦୦	୦.୦୧	୦.୦୨	୦.୦୨	୦.୧୬

ଟିପ୍ପଣୀ:
୧ [illegible] ୨୫ ଅକ୍ଟୋବର ୨୦୧୮ [illegible]
୨ [illegible] ୨୦୧୮-୧୯ [illegible]
୩ [illegible]
୪ [illegible]
୫ [illegible]

ବୋର୍ଡ ଅଫ୍ ଡାଇରେକ୍ଟରସଙ୍କ ପାଇଁ ଏବଂ ପକ୍ଷରୁ
ଏସିଇ ଷ୍ଟୋନ କ୍ରାଫ୍ଟ ଲିମିଟେଡ

ତା ୨୫.୧୦.୨୦୧୮

ସ୍ୱା/-
[illegible], ପରିଚାଳନା ନିର୍ଦ୍ଦେଶକ

ସ୍ୱା/-
[illegible], ନିର୍ଦ୍ଦେଶକ